# NATIONAL NEWS BULLETIN (ODIA)

**4 October - 2023**

**Mid Bulletin : 1.50 p.m.**

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ରାଜସ୍ଥାନର ଯୋଧପୁର ଠାରେ ୫ ହଜାର କୋଟି ଟଙ୍କା ମୂଲ୍ୟର ବିଭିନ୍ନ ପ୍ରକଳ୍ପ ର ଭିତ୍ତିପ୍ରସ୍ତର ସ୍ଥାପନ କରିବେ ଓ ଉତ୍ସର୍ଗ କରିବେ l

- ରିଜର୍ଭ ବ୍ୟାଙ୍କ ମୁଦ୍ରାନୀତି କମିଟି ର ଦ୍ୱିମାସିକ ବୈଠକ ଆଜି ମୁମ୍ବାଇରେ ଆରମ୍ଭ ହୋଇଛି l

- ବିହାର ଜାତି ଜନଗଣନା ରିପୋର୍ଟର ଦ୍ୱିତୀୟ ଭାଗକୁ ରାଜ୍ୟ ବିଧାନସଭା ର ଆଗାମୀ ଶୀତକାଳୀନ ଅଧିବେଶନରେ ଉପସ୍ଥାପନ କରାଯିବ l

- ଜାତୀୟ ପୁଞ୍ଜିନିବେଶ ଓ ମୌଳିକଢାଞ୍ଚା ପାଣ୍ଠି ଏବଂ ଜାପାନ ର Bank for International **Cooperation** ୬ ଶହ ନିୟୁତ ଡଲାର ସମ୍ବଳିତ ଭାରତ-ଜାପାନ ପାଣ୍ଠି ଗଠନ ପାଇଁ ସହବଦ୍ଧ ହୋଇଛନ୍ତି l

ଏବଂ

- ହାଙ୍ଗଝୋ ଏସୀୟ କ୍ରୀଡ଼ାରେ ଭାରତୀୟ ତୀରଚାଳନା ଯୋଡ଼ି ଜ୍ୟୋତି ସୁରେଖା ଭେନାମ ଏବଂ ଓଜୋସ ଦେଓତାଲେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି l

# ପିଏମ୍-ରାଜସ୍ଥାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ରାଜସ୍ଥାନ ର ଯୋଧପୁର ଗସ୍ତ କରିବେ। ସେଠାରେ ସେ ୫ ହଜାର କୋଟି ଟଙ୍କା ମୂଲ୍ୟର ବିଭିନ୍ନ ପ୍ରକଳ୍ପ ର ଭିତ୍ତିପ୍ରସ୍ତର ସ୍ଥାପନ କରିବେ ଓ ଉତ୍ସର୍ଗ କରିବେ। ସେହି ପ୍ରକଳ୍ପ ଗୁଡ଼ିକ ସଡ଼କ, ରେଳ, ବିମାନ ଚଳାଚଳ, ସ୍ୱାସ୍ଥ୍ୟ ଓ ଉଚ୍ଚଶିକ୍ଷା କ୍ଷେତ୍ରରୁ ରହିଛି।

ରାଜସ୍ଥାନର ସ୍ୱାସ୍ଥ୍ୟ ମୌଳିକଢାଞ୍ଚାର ବିକାଶ ପାଇଁ ସେ ଅନେକ ପ୍ରକଳ୍ପ ର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ସେହି ପ୍ରକଳ୍ପ ଗୁଡ଼ିକ ମଧ୍ୟରେ ଯୋଧପୁର **AIIMS** ଠାରେ ୩୫୦ ଶଯ୍ୟା ବିଶିଷ୍ଟ ଟ୍ରମା ସେଣ୍ଟର ଓ କ୍ରିଟିକାଲ କେୟାର ହସ୍‌ପିଟାଲ ବ୍ଲକ ରହିଛି। ଏହା ବ୍ୟତୀତ ରାଜସ୍ଥାନରେ ୭ଟି କ୍ରିଟିକାଲ କେୟାର ହସ୍‌ପିଟାଲ ବ୍ଲକ ମଧ୍ୟ ରହିଛି। ସେଗୁଡ଼ିକ ପ୍ରଧାନମନ୍ତ୍ରୀ– ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ମୌଳିକଢାଞ୍ଚା ମିଶନ ଅଧୀନରେ ନିର୍ମିତ ହେବ। ଯୋଧପୁର ଠାରେ ଟ୍ରମା, ଏମର୍ଜେନ୍ସି ଓ କ୍ରିଟିକାଲ କେୟାର ସେଣ୍ଟର ୩୫୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବ। ସେଥିରେ ଟ୍ରାଇଏଜ୍, ଡାଇଗ୍ନୋଷ୍ଟିକ୍ସ, ଡେ' କେୟାର, ଓ୍ୱାର୍ଡ, ପ୍ରାଇଭେଟ୍ ରୁମ୍, ମଡ୍ୟୁଲାର ଅପରେଟିଙ୍ଗ୍ ଥିଏଟର, ଆଇ.ସି.ୟୁ. ଓ ଡାଇଲିସିସ୍ ଏରିଆ ରହିବ। ୭ଟି କ୍ରିଟିକାଲ କେୟାର ବ୍ଲକ ରାଜସ୍ଥାନରେ ଜିଲ୍ଲାସ୍ତରରେ ସ୍ୱାସ୍ଥ୍ୟ ସୁବିଧାରେ ଉନ୍ନତି ଆଣିବ।

ଶ୍ରୀ ମୋଦୀ ଯୋଧପୁର ବିମାନ ବନ୍ଦର ଠାରେ ନୂଆ ଟର୍ମିନାଲ ବିଲ୍ଡିଙ୍ଗ୍ ର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ତାହାର ନିର୍ମାଣ ପାଇଁ ୪୮୦ କୋଟି ଟଙ୍କା ଖର୍ଚ୍ଚ ହେବ। ସେହି ନୂଆ ଟର୍ମିନାଲ ୨୪ ହଜାର ବର୍ଗ ମିଟର ଅଞ୍ଚଳରେ ସ୍ଥାପନ କରାଯିବ ଓ ଭିଡ଼ ସମୟରେ ଅଢ଼େଇ ହଜାର ଯାତ୍ରୀଙ୍କୁ ସେବା ଯୋଗାଇବ। ବାର୍ଷିକ ସେଠାରେ ୩୫ ଲକ୍ଷ ବିମାନ ଯାତ୍ରୀ ସେବା ପାଇ ପାରିବେ।

ପ୍ରଧାନମନ୍ତ୍ରୀ **IIT** ଯୋଧପୁରକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ। ତାହାର ନିର୍ମାଣ ପାଇଁ ୧୧ ଶହ ୩୫ କୋଟି ଟଙ୍କା ଖର୍ଚ୍ଚ ହୋଇଛି।

ରାଜସ୍ଥାନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଠାରେ ମୌଳିକଢାଞ୍ଚା ର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ସେଣ୍ଟ୍ରାଲ ଇନଷ୍ଟ୍ରୁମେସନ୍ ଲାବୋରେଟରୀ, ଷ୍ଟାଫ୍ କ୍ୱାର୍ଟର ଓ ଯୋଗ ଏବଂ କ୍ରୀଡ଼ା, ବିଜ୍ଞାନ, ବିଲ୍ଡିଙ୍ଗ୍ କୁ ଉତ୍ସର୍ଗ କରିବେ। ସେ ସେଣ୍ଟ୍ରାଲ ଲାଇବ୍ରେରୀ ର ଭିତ୍ତିପ୍ରସ୍ତର ସ୍ଥାପନ କରିବେ।

ରାଜସ୍ଥାନରେ ସଡ଼କ ମୌଳିକଢାଞ୍ଚା ର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ସେଗୁଡ଼ିକ ମଧ୍ୟରେ ୧୨୫-**A** ଜାତୀୟ ରାଜପଥରେ ଯୋଧପୁର ରିଙ୍ଗ୍ ରୋଡ୍ ର କରୱାର-ଦାଙ୍ଗିଆୱାସ ସେକସନ୍ ଅନ୍ତର୍ଭୁକ୍ତ। ଏହି ସେକସନ୍‌କୁ ୪ ଲେନ୍ ବିଶିଷ୍ଟ କରାଯିବ।

ପ୍ରଧାନମନ୍ତ୍ରୀ ରାଜସ୍ଥାନରେ ଦୁଇଟି ନୂଆ ଟ୍ରେନ୍ ର ଶୁଭାରମ୍ଭ କରିବେ। ସେଗୁଡ଼ିକ ହେଲା’ ରୁନିଚା ଏକ୍ସପ୍ରେସ୍ ଓ ମାରୱାଡ଼ ଜଙ୍କସନ୍–

ଖାମ୍ବଲିଘାଟ ହେରିଟେଜ୍ ଟ୍ରେନ୍। ପ୍ରଧାନମନ୍ତ୍ରୀ ଆଉ ଦୁଇଟି ପ୍ରକଳ୍ପକୁ ଉତ୍ସର୍ଗ କରିବେ।

## ମୁମ୍ବାଇ-ଆରବିଆଇ-ଏମ୍‌ପିସି

ରିଜର୍ଭ ବ୍ୟାଙ୍କ ମୁଦ୍ରାନୀତି କମିଟି ର ଦ୍ୱିମାସିକ ବୈଠକ ଆଜି ମୁମ୍ବାଇରେ ଆରମ୍ଭ ହୋଇଛି। ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଶୁକ୍ରବାର ଦିନ ମୁଦ୍ରାନୀତି ଘୋଷଣା କରିବେ। ସେହି ଦିନ ସେ ଏକ ସାମ୍ବାଦିକ ସମ୍ମିଳନୀରେ ଉଦ୍‌ବୋଧନ ଦେବେ। ଗତ ଥରର ବୈଠକ ପରେ ମୁଦ୍ରାନୀତି କମିଟି ସୁଦ୍ଧହାର ଅପରିବର୍ତ୍ତିତ ରଖିଥିଲା। ସେହି ଅନୁସାରେ ବର୍ତ୍ତମାନ  ରେପୋ ରେଟ୍ ଶତକଡ଼ା ୬ ଦଶମିକ ୫ ଭାଗ, ରିଭର୍ସ ରେପୋ ରେଟ୍ ଶତକଡ଼ା ୩ ଦଶମିକ ୩/୫ ଭାଗ ଓ ବ୍ୟାଙ୍କ ରେଟ୍ ଶତକଡ଼ା ୬ ଦଶମିକ ୭/୫ ଭାଗ ରହିଛି। ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ **GDP** ଅଭିବୃଦ୍ଧି ହାରକୁ ରିଜର୍ଭ ବ୍ୟାଙ୍କ ଶତକଡ଼ା ୬ ଦଶମିକ ୫ ଭାଗ ରଖିଛି।

## ପିଏମ୍-ସ୍ୱନିଧି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱନିଧି ଯୋଜନାର ପ୍ରଶଂସା କରିଛନ୍ତି। ଏହି ଯୋଜନାରେ ହିତାଧିକାରୀ ମାନଙ୍କ ସଂଖ୍ୟା  ୫୦ ଲକ୍ଷକୁ ଅତିକ୍ରମ କରିଯାଇଛି। ଗୃହ ନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟର ଏକ ପୋଷ୍ଟ ଉପରେ ଶ୍ରୀ ମୋଦୀ କହିଛନ୍ତି' ପି.ଏମ୍. ସ୍ୱନିଧି ଯୋଜନା ବୁଲାବିକାଳୀ ମାନଙ୍କ ଜୀବନରେ ଉନ୍ନତି ଆଣିବା ସହ ସେମାନଙ୍କୁ ସମ୍ମାନ ର ସହ ବଞ୍ଚିବା ର ସୁଯୋଗ ପ୍ରଦାନ କରିଛି।

# ବିହାର-ନୀତିଶ-କାଷ୍ଟ ସର୍ଭେ

ବିହାର ଜାତି ଜନଗଣନା ରିପୋର୍ଟର ଦ୍ୱିତୀୟ ଭାଗକୁ ରାଜ୍ୟ ବିଧାନସଭା ର ଆଗାମୀ ଶୀତକାଳୀନ ଅଧିବେଶନରେ ଉପସ୍ଥାପନ କରାଯିବ। ଗତକାଲି ଏକ ସର୍ବଦଳୀୟ ବୈଠକରେ ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଏହା ଘୋଷଣା କରିଛନ୍ତି। ସେହି ବୈଠକରେ ୯ଟି ରାଜନୈତିକ ଦଳ ଭାଗ ନେଇଥିଲେ। ନୀତିଶ କୁମାର ଓ ପ୍ରଶାସନିକ ଅଫିସର ମାନେ ଜନଗଣନା ର ମୁଖ୍ୟ ବିଷୟ ଗୁଡ଼ିକ ଉପରେ ରାଜନୈତିକ ଦଳଗୁଡ଼ିକ ର ପ୍ରତିନିଧି ମାନଙ୍କୁ ସୂଚନା ଦେଇଥିଲେ। ବିହାର ସରକାର ଗତ ସୋମବାର ଦିନ ଏହି ରିପୋର୍ଟ ପ୍ରକାଶ କରିଛନ୍ତି। ସେଥିରେ ବିହାର ର ବିଭିନ୍ନ ଜାତି ସମ୍ପର୍କରେ ସବିସ୍ତୃତ ତଥ୍ୟ ରହିଛି। ସେହି ଜନଗଣନା ଅନୁସାରେ ଅତିମାତ୍ରାରେ ଅନୁନ୍ନତ ବର୍ଗ ର ଜନସଂଖ୍ୟା ସର୍ବାଧିକ ବୋଲି ଜଣାପଡ଼ିଛି। ବିହାର ର ମୋଟ୍ ଜନସଂଖ୍ୟାର ଶତକଡ଼ା ୩୬ ଭାଗ ଲୋକ ଅତିମାତ୍ରାରେ ଅନୁନ୍ନତ ବର୍ଗରୁ ରହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି' ସେହି ଜନଗଣନାରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି ଓ ତାଙ୍କ ସରକାର ବିହାର ର ଲୋକମାନଙ୍କର ସ୍ୱାର୍ଥ ସୁରକ୍ଷା ଦିଗରେ କାର୍ଯ୍ୟ କରିବ। ମୁଖ୍ୟ ବିରୋଧୀ ଦଳ ବିଜେପି କହିଛି' ନୀତିଶ କୁମାର ସରକାର ରାଜନୈତିକ ଫାଇଦା ପାଇଁ ଏହି ରିପୋର୍ଟ ବାହାର କରିଛନ୍ତି।

# ଇଣ୍ଡିଆ-ଜାପାନ୍

ଜାତୀୟ ପୁଞ୍ଜିନିବେଶ ଓ ମୌଳିକଢାଞ୍ଚା ପାଣ୍ଠି ଏବଂ ଜାପାନ ର Bank for International Cooperation ୬ ଶହ ନିୟୁତ ଡଲାର

ସମ୍ମିଳିତ ଭାରତ-ଜାପାନ ପାଣ୍ଠି ଗଠନ ପାଇଁ ସହବଦ୍ଧ ହୋଇଛନ୍ତି। ଏହି ପାଣ୍ଠି ଜଳବାୟୁ ଓ ପରିବେଶ କ୍ଷେତ୍ରରେ ଭାରତ ଓ ଜାପାନ ମଧ୍ୟରେ ମିଳିତ ଉଦ୍ୟୋଗ ସ୍ଥାପନ ଓ ପୁଞ୍ଜିନିବେଶରେ ସହାୟତା କରିବ।

ଅର୍ଥ ମନ୍ତ୍ରଣାଳୟ କହିଛି' ଭାରତ ସରକାର ଶତକଡ଼ା ୪୯ ଭାଗ ପାଣ୍ଠି ପ୍ରଦାନ କରିବେ ଓ ଅବଶିଷ୍ଟ ଶତକଡ଼ା ୫୧ ଭାଗ ପାଣ୍ଠି ଜାପାନ ର Bank for International Cooperation ଦେବ। ଏହି ପାଣ୍ଠି ବ୍ୟବସ୍ଥା ଭାରତରେ ପରିବେଶ ଓ ଅଙ୍ଗାରକାମ୍ଳ ସ୍ତର ହ୍ରାସ ପାଇଁ ଜାପାନ ର ପୁଞ୍ଜିନିବେଶ ବୃଦ୍ଧି କରିବ। ଅର୍ଥ ମନ୍ତ୍ରଣାଳୟ କହିଛି' ଭାରତ-ଜାପାନ ଭାଗିଦାରୀ ଓ ଅର୍ଥନୈତିକ ସମ୍ପର୍କରେ ଏହା ଏକ ମାଇଲ ସ୍ତମ୍ଭ ହେବ।

## ବିଜେପି-ଇଡି ସଞ୍ଜୟ ସିଂ

ବିଜେପି କହିଛି' ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଓ ଅନ୍ୟ ଆମ୍ ଆଦ୍‌ମୀ ପାର୍ଟି ନେତା ମାନଙ୍କର ଦୁର୍ନୀତି ଗୋଟିଏ ପରେ ଗୋଟିଏ ପଦାକୁ ଆସୁଛି। ଆମ୍ ଆଦ୍‌ମୀ ପାର୍ଟି ନେତା ସଞ୍ଜୟ ସିଂଙ୍କ ବାସଭବନ ଉପରେ ଇ.ଡି. ର ଚଢ଼ଉ ବିଷୟ ଉଲ୍ଲେଖ କରି ପାର୍ଟି କହିଛି' ଆମ୍ ଆଦ୍‌ମୀ ପାର୍ଟି ନେତା ମାନେ ମାଦକ ଦ୍ରବ୍ୟ ଦୁର୍ନୀତିରେ ଜଡ଼ିତ ଥିଲେ ଓ ସେମାନେ ଦିଲ୍ଲୀର ଜନସାଧାରଣ ମାନଙ୍କୁ ଲୁଟିଛନ୍ତି। ବିଜେପି ଦିଲ୍ଲୀ ଶାଖା ମୁଖ୍ୟ ବିରେନ୍ଦ୍ର ସଚ୍ଚଦେବା କହିଛନ୍ତି' ଆମ୍ ଆଦ୍‌ମୀ ପାର୍ଟି ନେତା ମାନେ ଦୁର୍ନୀତିରେ ଲିପ୍ତ ଥିବା କଥା ବିଜେପି ମୂଳରୁ କହି ଆସୁଛି।

ବିଜେପି କର୍ମୀମାନେ ଆମ୍ ଆଦ୍‌ମୀ ପାର୍ଟି ସରକାର ବିରୁଦ୍ଧରେ ଦିଲ୍ଲୀରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ଓ ମୁଖ୍ୟମନ୍ତ୍ରୀ ଅରବିନ୍ଦ

କେଜରିୱାଲଙ୍କ ର ଇସ୍ତଫା ଦାବି କରିଛନ୍ତି। ଇତିମଧ୍ୟରେ ଦିଲ୍ଲୀ ସରକାରରେ ମନ୍ତ୍ରୀ ତଥା ଆମ୍ ଆଦ୍‌ମୀ ପାର୍ଟି ନେତା ସୌରଭ ଭରଦ୍ୱାଜ ମାଦକ ଦ୍ରବ୍ୟ ଦୁର୍ନୀତି ଅଭିଯୋଗକୁ କପଳକଳ୍ପିତ ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି' ଇ.ଡି. ଓ ସି.ବି.ଆଇ. ହଜାରରୁ ଅଧିକ ସ୍ଥାନରେ ଚଢ଼ଉ କରିଥିବାବେଳେ କୌଣସି ସ୍ଥାନରୁ ଗୋଟିଏ ଟଙ୍କା ମଧ୍ୟ ଉଦ୍ଧାର କରାଯାଇନାହିଁ।

# ଏସିଆନ ଗେମ୍ସ

ହାଙ୍ଗଝୋ ଏସୀୟ କ୍ରୀଡ଼ାରେ ଭାରତୀୟ ତୀରଚାଳନା ଯୋଡ଼ି ଜ୍ୟୋତି ସୁରେଖା ବେନାମ ଏବଂ ଓଜୋସ ଦେଓତାଲେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। କମ୍ପାଉଣ୍ଡ ମିକ୍ସଡ୍ ଟିମ୍ ଫାଇନାଲରେ ସେମାନେ କୋରିଆକୁ ପରାସ୍ତ କରିଛନ୍ତି। ପୂର୍ବରୁ ରାମବାବୁ ଓ ମଞ୍ଜୁରାଣୀ ୩୫ କିଲୋମିଟର ମିକ୍ସଡ୍ ରିଲେ ରେସ୍ ୱାକ୍ ରେ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲେ। ଏଥିସହିତ ଭାରତ ର ପଦକ ସଂଖ୍ୟା ୭୧ରେ ପହଁଞ୍ଚିଛି। ତାହା ମଧ୍ୟରେ ୧୬ଟି ସ୍ୱର୍ଣ୍ଣ, ୨୬ଟି ରୌପ୍ୟ ଓ ୨୯ଟି ବ୍ରୋଞ୍ଜ ପଦକ ରହିଛି। ଭାରତ ପଦକ ତାଲିକାରେ ଚତୁର୍ଥ ସ୍ଥାନରେ ଅଛି।

ବ୍ୟାଡମିଣ୍ଟନରେ ପି.ଭି.ସିନ୍ଧୁ ଓ ଏଚ୍.ଏସ୍. ପ୍ରଣୟ ନିଜ ନିଜ ବର୍ଗର ସିଙ୍ଗିଲ୍‌ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସିନ୍ଧୁ ଇଣ୍ଡୋନେସିଆ ର ପୁତ୍ରି କୁଶୁମାଙ୍କୁ ହରାଇଥିବା ବେଳେ ପ୍ରଣୟ' କାଜାଖସ୍ତାନ ର ଦିମିତ୍ରି ପାନାରିନ୍ ଙ୍କୁ ହରାଇଛନ୍ତି। ଆଜି ଭାରତର ନିରଜ ଚୋପ୍ରା ପୁରୁଷ ଜାଭେଲିନ୍ ଥ୍ରୋ' ପ୍ରତିଯୋଗିତାରେ ଭାଗ ନେବେ।

ଲଭଲିନା ବୋର୍ଗୋହେନ୍ ୭୫ କିଲୋଗ୍ରାମ ମହିଳା ବର୍ଗରେ ଚୀନ୍‌ର ଲି କିଆନ୍ ଙ୍କ ବିପକ୍ଷରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଆଥଲେଟିକ୍ସରେ ଭାରତୀୟ ପୁରୁଷ ଓ ମହିଳା **4 X 400** ରିଲେ ଟିମ୍ ସେମାନଙ୍କର ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ। ଭାରତୀୟ ପୁରୁଷ ହକି ଟିମ୍ କୋରିଆ ବିପକ୍ଷରେ ସେମିଫାଇନାଲ ମ୍ୟାଚ୍ ଖେଳିବ। ତୀର ଚାଳନା, ବ୍ୟାଡମିଣ୍ଟନ, ମୁଷ୍ଟିଯୁଦ୍ଧ, ବ୍ରିଜ୍, ଚେସ୍, ଡାଇଭିଙ୍ଗ୍, ହକି ଓ ଇକ୍ୱେଷ୍ଟ୍ରିଆନ୍ ରେ ଆଜି ଭାରତକୁ ପଦକ ମିଳିବାର ଆଶା କରାଯାଉଛି।

## ପିଏମ୍- ଏସିଆନ୍ ଗେମ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏସୀୟ କ୍ରୀଡ଼ାରେ ଭାରତୀୟ ପ୍ରତିଯୋଗୀ ମାନଙ୍କ ପ୍ରଦର୍ଶନ ଉପରେ ସନ୍ତୋଷ ପ୍ରକାଶ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ସେ କହିଛନ୍ତି' ଏସୀୟ କ୍ରୀଡ଼ାରେ ଭାରତ ସବୁଥର ଅପେକ୍ଷା ଭଲ ପ୍ରଦର୍ଶନ କରିଛି। ସେ କହିଛନ୍ତି' ୭୧ଟି ପଦକ ପାଇ ଭାରତ ଏ ପର୍ଯ୍ୟନ୍ତ ସର୍ବାଧିକ ପଦକ ହାସଲ କରିଛି।

## ଅନୁରାଗ-ଏସିଆନ୍ ଗେମ୍‌ସ

କ୍ରୀଡ଼ା ମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି' ଏସୀୟ କ୍ରୀଡ଼ାରେ ଭାରତୀୟ ପ୍ରତିଯୋଗୀ ମାନେ ପୂର୍ବାପେକ୍ଷା ସର୍ବୋତ୍କୃଷ୍ଟ ପ୍ରଦର୍ଶନ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ସେ ପୋଷ୍ଟ କରି କହିଛନ୍ତି' ବିଭିନ୍ନ କ୍ରୀଡ଼ା କ୍ଷେତ୍ରର ପ୍ରତିଭାଶାଳୀ କ୍ରୀଡ଼ାବିତ୍ ମାନେ ଏହି ଐତିହାସିକ ସଫଳତା ଅର୍ଜନ କରିଛନ୍ତି। ଏସୀୟ କ୍ରୀଡ଼ା ଆହୁରି ୫ ଦିନ ଚାଲିବ।

୨୦୧୮ ଜାକର୍ତ୍ତା ଏସୀୟ କ୍ରୀଡ଼ାରେ ଭାରତ ୭୦ଟି ପଦକ ବିଜୟୀ ହୋଇଥିଲା ।